The Telegraph




t2 on Sunday
DON'T MISS TODAY'S
TABMAG

68 PAGES BHUBANESWAR SUNDAY 15 OCTOBER 2017 Rs 5.00 XXOE www.telegraphindia.com

# DECREASING CONSUMPTION, INVESTMENT AND EXPORT A GREAT CONCERN FOR ECONOMY

Birla Global University,Bhubaneswar is organized a State Level Seminar on " Public Sector Banks at Crossroads and the Way Forward" on 14 October 2017.The seminar was inaugurated by eminent academician and economist Prof. Baidyanath Mishra.

Professor Baidyanath Mishra expressed his concerned about decreasingconsumption, investment and export .The NPA condition can be improved only if there is a growth in these fields. Only Increased emphasis on service sector can never improve the situation. India has to emphasize the make in India concept and Banks need to help the MSME which in turn result can improve NPA condition.

Dr. B. K. Das, Registrar, GU said that Banks are made dustbin by giving all different tasks to do what was earlier to be done by other departments. This makes Banks inefficient. So Government need to take care of these things to set things right. K. R. Das, Retd. Regional Director, RBI,said that Clean activities, suppression of thefts and availability of present cash can improve NPA condition.

Shri Ramesh Das, Regional Director (Retd.), Reserve Bank of India said that this seminar




created a platform for valuable discussion among academician,practitioner,policy maker ,students and researcher in general and can come out with good suggestions. Dr. P. Nayak, Dean, SOM, BGU emphasized on HR issues discussed about if the banks can decide where they want to go instead of being in dilemma what to do then things can be improved. He gave emphasis on talent acquisition to talent development and talent retention in PSU banks. The valedictory address was given by Prof. Sudhakar Panda,VC ,Birla Global University.The seminar in charge Prof. Ajit Kumar Das delivered the objectives of the seminar in the beginning.Around 200 participant, academician,bankers,students attended the seminar

ଦ୍ୱାବିଂଶ ବର୍ଷ
ସଂଖ୍ୟା : ୧୯
୧୯୩୪ ଶକାବ୍ଦ
ତିଥି : ପ୍ରତିପଦ
୨୧ ଅକ୍ଟୋବର ୨୦୧୭, ଶନିବାର
ଭୁବନେଶ୍ୱର
ପୃଷ୍ଠା-୧୬, ମୂଲ୍ୟ- ଟ. ୪.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar • Balasore • Angul • Berhampur • Sambalpur

Vol. - XXII, No. 19
21 October 2017, Saturday
Bhubaneswar
Price : Rs. 4.00
Online Portal
www.odishasamaya.com
www.samayalive.in (Odia)
www.samayaepaper.com
odishasamaya
thesamayanews@gmail.com

## ବିଜିୟୁର ବ୍ୟାଙ୍କିଙ୍ଗ୍ ସଂପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ଭୁବନେଶ୍ୱର : ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଭୁବନେଶ୍ୱର ପକ୍ଷରୁ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, 'ପବ୍ଲିକ୍ ସେକ୍ଟର ବ୍ୟାଙ୍କସ୍ ଆଟ୍ କ୍ରସ୍ ରୋଡ଼ସ୍ ଆଣ୍ଡ୍ ଦି ୱେ ଫରୱାର୍ଡ଼'ର ଆୟୋଜନ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ଓ ଅର୍ଥନୀତିଜ୍ଞ ପ୍ରଫେସର ବୈଦ୍ୟନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କର୍ମଶାଳାକୁ ଉଦ୍ଘାଟନ କରିଥିଲେ । ପ୍ରଫେସର ମିଶ୍ର ନିବେଶ, ରପ୍ତାନୀରେ ଉନ୍ନତି ହେଲେ ହିଁ ଅର୍ଥବ୍ୟବସ୍ଥାରେ ସୁଧାର ଆସିବ, ନିବେଶ ଏବଂ ରପ୍ତାନୀ ଉପରେ ପ୍ରାଥମିକତା ଦିଆଯାଇପାରିଲେ ପରିସ୍ଥିତିରେ ଉନ୍ନତି ଅଣାଯାଇପାରିବ ଏବଂ କେବଳ ସେବା କ୍ଷେତ୍ରଗୁଡ଼ିକରେ ଉନ୍ନତି ପରିସ୍ଥିତିକୁ ବଦଳାଇ ପାରିବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ମେକ୍ ଇନ୍ ଇଣ୍ଡିଆ ଉପରେ ଗୁରୁତ୍ୱ ତଥା ବ୍ୟାଙ୍କ ଗୁଡ଼ିକର ଏମ୍‌ଏସ୍‌ଏମ୍‌ଇକୁ ସାହାଯ୍ୟ କରିବା ପ୍ରକ୍ରିୟା ହିଁ ଅର୍ଥନୈତିକ ସ୍ତରରେ ବିକାଶ ଆଣିପାରିବା ବ୍ୟାଙ୍କ ଗୁଡ଼ିକ ଉପରେ ସରକାର ବିଭିନ୍ନ ଅଣ-ବ୍ୟାଙ୍କିଙ୍ଗ କାର୍ଯ୍ୟଭାର ଦେଇଥିବାରୁ ଏହା ତା'ର ଦକ୍ଷତା ଉପରେ ପ୍ରଭାବ ପକାଉଛି ବୋଲି କହିବା ସହ ସରକାର ଏଥିପ୍ରତି ଯତ୍ନଶୀଳ ହେବା ଉଚିତ ବୋଲି ଡ଼ଃ. ବି. କେ. ଦାସ, ରେଜିଷ୍ଟ୍ରାର, ବିଜିୟୁ, କହିଥିଲେ।ଡ଼ଃ. କେ. ଆର୍ ଦାସ, ଆରବିଆଇର ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ, ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ସ୍ୱଚ୍ଛତା, ଏନ୍‌ପିଏ ପରିସ୍ଥିତିରେ ଅଧିକ ସୁଧାର ଆଣିପାରିବ ବୋଲି କହିଥିଲେ। ଆରବିଆଇର (ଅବସରପ୍ରାପ୍ତ) ଆଞ୍ଚଳିକ ନିର୍ଦ୍ଦେଶକ, ରମେଶ ଦାସ କହିଥିଲେ ଯେ ଏହି ଆଲୋଚନାଚକ୍ର ଶିକ୍ଷାବିତ୍, ଶିକ୍ଷାର୍ଥୀ, ଶିକ୍ଷାନବୀସ, ନୀତି ନିର୍ଦ୍ଦେଶକ, ଉପଦେଷ୍ଟାଙ୍କ ପାଇଁ ଏକ ନୂତନ ମଞ୍ଚ ସୃଷ୍ଟି କରିପାରିଛି । ଡ଼ଃ. ପି. କେ. ନାୟକ, ଡିନ୍, ସ୍କୁଲ୍ ଅଫ୍ ମ୍ୟାନେଜମେଂ, ବିଜିୟୁ, ମାନବସମ୍ବଳ ଉପରେ ଗୁରୁତ୍ୱ ଦେବା ସହ ବ୍ୟାଙ୍କମାନେ ଦ୍ୱାରରେ ନହେଇ ତାଙ୍କର ବାସ୍ତବ ସ୍ଥାନ ନିରୂପଣ କରିବା ଉଚିତ ବୋଲି କହିଥିଲେ। ପରିଶେଷରେ ଆର୍. ଡ଼ି ବିଶ୍ୱବିଦ୍ୟାଳୟର କୁଳପତି, ଡକ୍ଟର ପଦ୍ମଜା ମିଶ୍ର ସମସ୍ତଙ୍କୁ ଉଦ୍‌ବୋଧନ ଦେବା ସହ ପ୍ରଫେସର ଅଜିତ୍ କୁମାର ଦାସ ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ପ୍ରାୟତଃ୨୦୦ ଶିକ୍ଷାବିତ୍, ବ୍ୟାଙ୍କର୍ସ ଏବଂ ଶିକ୍ଷାର୍ଥୀମାନେ ଭାଗ ନେଇଥିଲେ ।

Volume XXXIV No 17
Bhubaneswar
Saturday 21 October 2017
Page 20 With E2 ₹ 5.00
ଭୁବନେଶ୍ୱର
ଶନିବାର ୨୧ ଅକ୍ଟୋବର ୨୦୧୭
ଇ୨ ସହ ୨୦ ପୃଷ୍ଠା, ମୂଲ୍ୟ ୫ ଟଙ୍କା
(Air Surcharge 0.50p)
www.sambadepaper.com/sambad.in

SAMBAD
ସମ୍ବାଦ

# ବିଜିୟୁରେ ବ୍ୟାଙ୍କିଙ୍ଗ ଆଲୋଚନାଚକ୍ର

ଭୁବନେଶ୍ୱର, ୨୦/୧୦: ବିର୍ଲା ଗ୍ଲୋବାଲ ୟୁନିଭରସିଟି(ବିଜିୟୁ) ଭୁବନେଶ୍ୱର ପକ୍ଷରୁ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତିଜ୍ଞ ପ୍ରଫେସର ବୈଦ୍ୟନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କର୍ମଶାଳାକୁ ଉଦଘାଟନ କରିଛନ୍ତି। 'ମେକ୍ ଇନ୍ ଇଣ୍ଡିଆ' ଉପରେ ଗୁରୁତ୍ୱ ତଥା ବ୍ୟାଙ୍କ ଗୁଡ଼ିକର ଏମ୍ଏସ୍ଏମ୍ଇକୁ ସାହାଯ୍ୟ କରିବା ପ୍ରକ୍ରିୟା ହିଁ ଅର୍ଥନୈତିକ ସ୍ତରରେ ବିକାଶ ଆଣିପାରିବ ବୋଲି ସେ କହିଛନ୍ତି। ବିଜିୟୁର ରେଜିଷ୍ଟ୍ରାର ଡକ୍ଟର ବି କେ ଦାସ କହିଛନ୍ତି ଯେ ବ୍ୟାଙ୍କ ଗୁଡ଼ିକ ଉପରେ ସରକାର ବିଭିନ୍ନ ଅଣ-ବ୍ୟାଙ୍କିଙ୍ଗ୍ କାର୍ଯ୍ୟଭାର ଦେଉଥିବାରୁ ତାହା ସେମାନଙ୍କ ଦକ୍ଷତା ଉପରେ ପ୍ରଭାବ ପକାଉଛି। ବିଜିୟୁର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡକ୍ଟର ପି କେ ନାୟକ ଉପସ୍ଥିତ ଥିଲେ।